# Akashvani, Sambalpur

## SAMBALPURI NEWS BULLETIN

### 15 September 2024- 6.47- 6.52 am.

*********************************************

ବନ୍ଦେ ଭାରତ୍ ଏକ୍ସପ୍ରେସ          ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଓଡ଼ିଶା ନ ୨ ଟା ସହେତେ ମୋଟ୍ ୬ ଟା ବନ୍ଦେ ଭାରତ୍ ଏକ୍ସପ୍ରେସ୍‌ର ଶୁଭାରମ୍ଭ କର୍‌ବେ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଝାର୍‌ଖଣ୍ଡର ଟାଟାନଗର୍ ନୁ ଉପସ୍ଥିତ୍ ରହିକରି ଇସବୁ ଟ୍ରେନ୍‌ମାନ୍‌କର୍ ଲୋକାର୍ପଣ୍ କର୍‌ବେ । ଟ୍ରେନ୍‌ମାନେ ହେଲା ବ୍ରହ୍ମପୁର୍-ଟାଟାନଗର୍, ରାଉର୍‌କେଲା - ହାଓ୍ୱଡ଼ା, ଟାଟାନଗର୍-ପାଟ୍‌ନା, ଦେଓଘର୍-ବାରାଣାସୀ, ଭାଗଲ୍‌ପୁର୍-ହାଓ୍ୱଡ଼ା ଆର୍ ଗୟା- ହାଓ୍ୱଡ଼ା ବନ୍ଦେ ଭାରତ୍ ଏକ୍‌ପ୍ରେସ୍ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ୬ ଶହ ୫୦ କୋଟିନୁ ଅଏତ୍‌କା ଟଙ୍କାର୍ ଭିନ୍ ଭିନ୍ ରେଲ୍ ପ୍ରକଳ୍ପର୍ ଶିଳାନ୍ୟାସ୍ କର୍‌ବେ । ଓଡ଼ିଶା ନୁ ଚଲାଚଲ୍ କର୍‌ବାର୍‌କେ ଥିବା ଦୁହି  ବନ୍ଦେ ଭାରତ୍ ଏକ୍ସପ୍ରେସ୍‌କେ ପ୍ରଧାନ୍‌ମନ୍ତ୍ରୀ ଟାଟାନଗର୍‌ନୁ ଆଭାସୀ ଜରିଏ ଲୋକାର୍ପଣ୍ କର୍‌ବେ । ଇ ଅବ୍‌ସରେ ହେବାର୍‌କେ ଥିବା

ସ୍ୱତନ୍ତ୍ର ସମାରୋହଥି ରାଜ୍ୟପାଲ୍ ରଘୁବର୍ ଦାସ ରାଉର୍କେଲା ନ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବ୍ରହ୍ମପୁର୍ ରେଲ୍ଷ୍ଟେସନ୍ ନ ଉପସ୍ଥିତ୍ ରହେବେ । ଇତାର୍ସହେତେ ବନ୍ଦେଭାରତ୍ ଏକ୍ସପ୍ରେସ୍ ଲୋକାର୍ପଣ୍ ଉସବ୍ ରାଜ୍ୟର୍ ଭିନ୍ ଭିନ୍ ଷ୍ଟେସନ୍ ନ ହେବା ।

ବିକାଶ୍ ମେଲା ଆର୍ଏନ୍ୟୁ /ସମ୍ବଲପୁର

ଆଏବା ୧୯ ନୁ ୨୨ ତାରିଖ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବିକାଶ୍ ମେଲା ଆୟୋଜନ୍ କରାଯିବା । ଇଥି ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ କଲ୍ୟାଣ୍କାରୀ ଯୋଜ୍ନା ସାଙ୍ଗେ ଶହେ ଦିନର୍ ବିଭାଗୀୟ କାର୍ଯ୍ୟକଲାପ ଆର୍ ସଫଲତା ବିଷେ ପ୍ରଚାର୍ ପ୍ରସାର୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୧୯ ତାରିଖ୍ ଦିନ ପୁରୀନୁ ଇ ମେଲାର୍ ଉଦ୍ଘାଟନ୍ କର୍ବେ । ଇ ମେଲାଥି ଭିନ୍ ଭିନ୍ ବିଭାଗ୍ର ୫୦ ଟା ଷ୍ଟଲ୍ ସାମିଲ୍ ହେବାର୍କେ ଥିବାର୍ ବେଲେ ୨୫ ହଜାର୍ନୁ ଅଏତ୍କା ଲୋକ୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ସେନ୍ତା ୨୨ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ କେନ୍ଦୁଝର୍ ଆର୍ ମୟୁର୍ଭଞ୍ଜ୍ ଜିଲ୍ଲା ନ ହେବାର୍କେ ଥିବାର୍ ମେଲାଥି ଯୋଗ୍ ଦେବେ । ଇ ତିନ୍ହି ଜିଲ୍ଲାକେ ଛାଡ଼ିଦେଲେ ବାକି

୨୭ ଟା ଜିଲ୍ଲା ନ ଦୁହି ଉପମୁଖ୍ୟମନ୍ତ୍ରୀଙ୍କର୍ ସହେତେ ମନ୍ତ୍ରୀମଣ୍ଡଲ୍‌ର ଅଲ୍‌ଗା ସଦସ୍ୟ ମାନେ ସାମିଲ୍ ହେବେ ।

ବାୟୋ ଟେକ୍ନୋଲୋଜି କ୍ଷେତ୍ର ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭାରତୀୟ ଅର୍ଥନୀତିଥି ଆଏବା ଦିନେ ବାୟୋ ଟେକ୍ନୋଲୋଜି କ୍ଷେତ୍ର ବଢ଼ାବାର୍‌କେ ଯାଉଛେ । ଇଥି ସାମୁଦ୍ରିକ ଜୈବ ସମ୍ବଲ ବଡ଼ ଭୂମିକା ଗ୍ରହଣ୍ କର୍‌ବା । ଇତାର୍ ସଠିକ୍ ଉପଯୋଗ୍ କର୍‌ବାର୍ ଲାଗି ଓଡ଼ିଶା ତୟାର୍ ହେଉଛେ ବଲି ରାଜ୍ୟ ବିଜ୍ଞାନ୍ ଆଉ ବୈଷୟିକ ବିଭାଗ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ନୂଆଦିଲ୍ଲୀର୍ ପ୍ରଗତି ମଇଦାନ୍ ନ ହେଉଥିବା ଗ୍ଲୋବାଲ୍ ବାୟୋ ଇଣ୍ଡିଆ-୨୦୨୪ର ୩ ନମ୍ବର୍ ଦିନେ ‘ଟେପିଙ୍ଗ୍ ଦ ବ୍ଲୁ ଇକୋନୋମି’ ଶୀର୍ଷକ ଉପ୍‌ରେ ଗୁଟେ ବିଶେଷ୍ ଅଧିବେଶନ୍ କରାଯାଇଥିଲା । ଇଥି ଯୋଗ୍ ଦେଇକରି ମନ୍ତ୍ରୀ କହିଛନ୍ ଯେ, ଓଡ଼ିଶା ନ ୪ ଶହ ୮୦ କିଲୋମିଟର୍ ଲମ୍ବା ସମୁଦ୍ରଖଁଡ଼ି ରହିଛେ । ଇତାକେ ଆଧାର୍ କରିକରି ମେରାଇନ୍ ବାୟୋ ଟେକ୍ନୋଲୋଜି କ୍ଷେତ୍ରକେ ବ୍ୟାପକ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଗୁଟେ ଖାସ୍ ରୋଡ଼ମେପ୍ ତୟାର୍ କରୁଛନ୍ ।

କୃଷି, ମତ୍ସ୍ୟକ୍ଷେତ୍ର- ନିବେଶ୍-ଉପମୁଖ୍ୟମନ୍ତ୍ରୀ/ଆର୍ଏନ୍ୟୁ /ସମ୍ବଲପୁର

ଓଡ଼ିଶାର୍ କୃଷି ଆଉ ମତ୍ସ୍ୟକ୍ଷେତ୍ରଥି ନିବେଶ୍ ଲାଗି ରାଜ୍ୟ ଆଉ ଦେଶ୍ ବାହାରର୍ ଉଦ୍ୟୋଗୀମାନେ ଆଗ୍ରହ ପ୍ରକାଶ୍ କରୁଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ମନ୍ତ୍ରୀଙ୍କର୍ ସାଙ୍ଗେ ଭିନ୍ ଭିନ୍ ଦେଶ୍‌ନୁ ଆସିଥିବା ଉଦ୍ୟୋଗୀମାନେ ଭେଟିକରି ଇ ବାବ୍‌ଦେ ଆଲୋଚନା କରିଥିବା ଜନାପଡ଼ିଛେ । ଆଲୋଚନା ଉତ୍ରୁ ଉପମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଇ ଉଦ୍ୟୋଗୀମାନ୍‌କର୍ ସହଯୋଗ୍ ରାଜ୍ୟର୍ କୃଷିକ୍ଷେତ୍ରଥି ପରିବର୍ତନ୍ ଆନ୍‌ବାର୍‌ଥି ସାହାଜ୍ କର୍‌ବା ।

ବାମନ ଜନ୍ମ ଆର୍ଏନ୍ୟୁ /ସମ୍ବଲପୁର

ଭୁଦୋ ମାସର୍ ଉଜଲ୍ ପଖର୍ ଦ୍ୱାଦଶୀ ତିଥିଥି ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ବାମନ ଜନ୍ମ ନୀତି ହେବା । ଆଏଜ୍ ମଧ୍ୟାହ୍ନ ଧୂପ ସର୍‌ବାର୍ ଉତ୍ରୁ ଶ୍ରୀମନ୍ଦିର୍ ନ ମାହାପୁରୁଙ୍କର୍ ସ୍ୱତନ୍ତ୍ର ନୀତିକାନ୍ତି ହେବା । ଇଥିର୍‌ଲାଗି ଉପର୍‌ବେଲା ୫ ବଜେନୁ ରାତି ୮

ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀଜଗନ୍ନାଥ୍ ମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ମିଲିଛେ ।

ଉତ୍କେଲାକେ ବିମାନ ଆର୍ଏନ୍ୟୁ /ସମ୍ବଲପୁର

ଇଣ୍ଡିଆ ୱାନ୍ ଏୟାର୍ଲାଇନ୍ ତର୍ଫୁ ଭୁବ୍ନେଶ୍ୱର୍ନୁ କଲାହାଣ୍ଡି ଜିଲ୍ଲାର୍ ଉତ୍କେଲାକେ ବିମାନ୍ ସେବା ହପ୍ତାକ ଆଉ ଦିନେ ବଢ଼ାଯାଇଛେ । ଆଏଜ୍ଠାନୁ ଏତ୍କର୍ ଫି’ ରଏବାର୍ ଇ ବିମାନ୍ ଉତ୍କେଲାକେ ଚଲାଚଲ୍ କର୍ବା । ଇବାବ୍ଦେ କମ୍ପାନୀ ତର୍ଫୁ ସାମାଜିକ୍ ଗଣମାଧ୍ୟମ୍ ଏକ୍ସ୍ରେ ସୂଚ୍ନା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ମଙ୍ଗଲ୍ବାର୍, ଗୁରୁବାର୍ ଆର୍ ଶନିବାର୍ ମୋଟ୍ ୩ ଦିନ୍ ଭୁବ୍ନେଶ୍ୱର୍ନୁ ଉତ୍କେଲାକେ ବିମାନ୍ ଚଲାଚଲ୍ କରୁଥିଲା ।

ବିକାଶ୍ ମେଲା -ବୈଠକ୍ ଦେବ୍ଗଡ଼୍/କଲାହାଣ୍ଡି ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲା ନ ରାଜ୍ୟ ସର୍କାର୍ଙ୍କର୍ ବିକାଶ୍ ମେଲା କାର୍ଯ୍ୟକ୍ରମ୍ ଲାଗି ଓସ୍ୱାନ୍ ସମ୍ମିଲନୀ କକ୍ଷ ନ ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଗୁଟେ ବୈଠକ୍

ହେଇଯାଇଛେ । ଆଏବା ୨୦ ତାରିଖ୍‌ନୁ ୨୨ ତାରିଖ୍‌ତକ୍ ଜିଲ୍ଲା ନ ହେବାର୍‌କେ ଥିବା ବିକାଶ୍ ମେଳାଥି ସମାବେଶ୍, ପ୍ରଦର୍ଶନୀ ଆର୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ଆୟୋଜନ୍ ହେବା ।
ସେନ୍ତା କଳାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ନ ବିକାଶ୍ ମେଳା ଆୟୋଜନ୍ ହେବା । ଇଥିର୍‌ଲାଗି ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଆଭାସୀ ଜରିଏ ଗୁଟେ ତୟାରି ବୈଠକ୍ ହେଇଯାଇଛେ ।

ସିଆର୍‌ପିଏଫ୍-ସ୍ୱଚ୍ଛତା ହିଁ ସେବା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଗୋଶାଲା ପାଖେ ଥିବା ସିଆର୍‌ପିଏଫ୍ ଗ୍ରୁପ୍ ସେଂଟର୍ ନ ସ୍ୱଚ୍ଛତା ହିଁ ସେବା ଅଭିଯାନ୍ ଉଦ୍‌ଘାଟିତ୍ ହେଇଯାଇଛେ । ଇଥି ଡିଆଇଜି ଦିଲ୍ଲୀପ୍ ସିଂ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଭାରତ୍ ସର୍‌କାର୍‌ଙ୍କର୍ ସ୍ୱଚ୍ଛତା ହିଁ ସେବା-୨୦୨୪ ଅଭିଯାନ୍‌ର ଉଦେଶ୍ ବାବ୍‌ଦେ ଆଲୋଚନା କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର
ଦକ୍ଷିଣ ପୂର୍ବ ବାଂଲାଦେଶ୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍‌ପ୍ରଭାବ୍‌ଥି ଆଏଜ୍

ସମ୍ବଲ୍‌ପୁର୍‌, ସୁନ୍ଦର୍‌ଗଡ଼୍‌, ଦେବ୍‌ଗଡ଼୍‌, ବୌଦ୍ଧ, କଲାହାଣ୍ଡି, ସହେତେ ରାଜ୍ୟର୍‌ ୧୩ ଟା ଜିଲ୍ଲା ନ ୭ ନୁ ୧୧ ସେଂଟିମିଟର୍‌ ତକ୍‌ ବର୍ଷା ହେଇପାରେ । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍‌ ଆଂଚଲିକ୍‌ ପାଣିପାଗ୍‌ ବିଜ୍ଞାନ୍‌ କେନ୍ଦ୍ର ତର୍‌ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।

ହୀରାକୁଦ୍‌ ଜଲ୍‌ଭଣ୍ଡାର୍‌ ସମ୍ବଲପୁର ସମ୍ବାଦଦାତା

ଉପର୍‌ମୁଣ୍ଡୁ ପାଏନ୍‌ ଆସ୍‌ବାର୍‌ଟା କମ୍‌ବାର୍‌ନୁ ହୀରାକୁଦ୍‌ ଜଲ୍‌ଭଣ୍ଡାର୍‌ର ୨ ଟା ଗେଟ୍‌ ଗଲାକାଏଲ୍‌ ବନ୍ଦ୍‌ କରି ଦିଆଯାଇଛେ । ଏଛେନ୍‌ ୧୪ ଟା ଗେଟ୍‌ ଦେଇକରି ଫି ସେକେଣ୍ଡ୍‌ଥି ୨ ଲାଖ୍‌ ୬୬ ହଜାର୍‌ ୫ ଶହ ୬୮ ଘନଫୁଟ୍‌ ପାଏନ୍‌ ମହାନଦୀକେ ଛଡ଼ାଯାଉଛେ ।